ଚାଷର କାହାଣୀ

ଖୁସିରେ ପଢ଼ିବା ଅଭିଯାନ

ଭାରତ ଜ୍ଞାନ ବିଜ୍ଞାନ ସମିତି

Digitized by srujanika@gmail.com

ଚାଷର କାହାଣୀ

ରଚନା : ବିନୟକୃଷ୍ଣ ପଟ୍ଟନାୟକ
ଅଙ୍କନ : ଅସିତ୍ ଦାସ
ପ୍ରକାଶକ : ଭାରତ ଜ୍ଞାନ ବିଜ୍ଞାନ ସମିତି,
ସି-୨, ହାଉସିଂ ବୋର୍ଡ଼ କଲୋନୀ,
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩
ଫୋନ୍ : (୦୬୭୪) ୪୭୦୮୯୧

ଅକ୍ଷରସଜ୍ଜା : ଓରିକନ୍ କମ୍ପ୍ୟୁଟରସ୍, ଭୁବନେଶ୍ୱର ।
ମୁଦ୍ରଣ

ସହଯୋଗ ରାଶି : ତିନି ଟଙ୍କା ମାତ୍ର
ପ୍ରକାଶ କାଳ : ଜାନୁଆରୀ ପହିଲା, ୧୯୯୭

ଏହି ପୁସ୍ତିକାଟି **ଖୁସିରେ ପଢ଼ିବା ଅଭିଯାନ** (Jan Vanchan Andolan) ପାଇଁ ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ଗାଁ ଗହଳିରେ ଲୋକଙ୍କର ପଠନ ରୁଚିକୁ ତେଜିବା ସାଙ୍ଗକୁ ଏକ ପାଠାଗାର ଆନ୍ଦୋଳନ ଚଳାଇବା ପାଇଁ ସମିତି ତରଫରୁ ଏହା ଏକ ଦେଶବ୍ୟାପୀ ଉଦ୍ୟମ ।

● The Genesis of Agriculture ● Author - Binaya Krushna Pattanayak. ● Published by B.G.V.S., Orissa for Jan Vachan Andolan ● Publication Period - 1st January 1997. ● Price - Rs. 3.00

Digitized by srujanika@gmail.com

ଦିନକ ଭିତରେ ଆମେ ଯାହା ଯାହା କରୁଛେ, ତା' ଭିତରେ ଖାଇବା କାମଟିର ଗୁରୁତ୍ୱ ବେଶ୍ ବେଶୀ । ଏଥିରେ ଟିକିଏ ଅବହେଳା ହୋଇଗଲେ, ଆମର ଅନ୍ୟ ସବୁ କାମ ଦାମ ବିଗିଡି ଯାଏ । ପେଟ ଭୋକେଇଲେ ବା ବିଗିଡିଲେ, ମନଟା କେଉଁଥିରେ ବି ଲାଗେ ନାହିଁ । ଯିଏ ଯେତେ ରଚି ମୁତାବକ ଖାନା ପାଏ, ସେ ସେତେ କାମିକା ହୋଇପାରେ । ଆମେ କ'ଣ କ'ଣ ସବୁ ଖାଆନ୍ତି ? ଭାତ, ରୁଟି, ଡାଲି, ଭଜା, ତରକାରୀ, ଖଟା, ଖିରି, ପିଠା, କୋଳି, ଫଳ, ମୂଳ, ମାଛ, ମାଂସ, ଏମିତି ବିବିଧ ଖାଦ୍ୟ । ମାଛ, ମାଂସ, ଅଣ୍ଡା ଆଦିକୁ ଛାଡିଦେଲେ ବାକି ଖାଦ୍ୟ ସବୁ କେଉଁଠୁ ଆସେ ? ଗୋଟି ଗୋଟି କରି ମନେ ପକାଇବା ।

ଆମେ ଦେଖିବା, ସବୁ ଆସିଛି କୌଣସି ନା କୌଣସି ଗଛରୁ । ଆଉ ଟିକେ ଭାବିବା ସବୁ ଗଛ କ'ଣ ଆପେ ଆପେ ଉଠିଥାଏ ? କୋଳି, ଫଳ, ମୂଳ ଆଦିର ଗଛଗୁଡିକ ଆମେ ଜଙ୍ଗଲରେ ବି ଦେଖିବାକୁ ପାଇବା । କିନ୍ତୁ ଆମ ଗାଁ, ସହରରେ ଲାଗିଥିବା ଅଧିକାଂଶ ଗଛ ଆମର ବାପ, ଅଜା ହିଁ ଲଗାଇଥିଲେ । ଅନ୍ୟ ଖାଦ୍ୟଗୁଡିକ ପାଇଁ ଆମ ଆଖି ସିଧା ବାଡି, ବଗିଚା ଓ ଚାଷ ଖେତ ଆଡକୁ ହିଁ ଚାଲିଯାଏ । ମଣିଷ ନିଜେ ଏହି ଗଛଗୁଡିକୁ ଲଗାଏ; ତାର ଯତନ ନିଏ; ଫଳ ଆଣେ ଓ ରୋଷେଇ କରି ଖାଏ । ଏହା କହିବାକୁ କେତେ ସହଜ ! କିନ୍ତୁ କାମଟା ସେତିକି ଜଟିଳ ।

ଚାଷୀ ଭାଇ, ଭଉଣୀମାନେ ଦିନ ଦିନ ଧରି ତାଙ୍କ ଜମିବାଡି କାମରେ ଲାଗିଥାନ୍ତି । ସେମାନେ ନିଜଠୁଁ ବି ବେଶୀ ଭଲ ପାଆନ୍ତି ଜମି ଡିହଟିକୁ । ସିଏ ତାଙ୍କର ସାହା, ଭରସା, ଆଶା ଓ ଜୀବନ । ତାଙ୍କର ସବୁ ଦୁଃଖ ଓ ସୁଖ ଏଇଠୁ ଆସେ । କିନ୍ତୁ ମନରେ ଗୋଟିଏ ପ୍ରଶ୍ନ ଆସେ - ମଣିଷ ତା'ର ଏହି ଚାଷ ଜମିକୁ କେମିତି ଏତେ ଭଲ ପାଇ ଶିଖିଲା ?

ଚାଷ କାମର ଉପଯୋଗିତା ସେ କେମିତି ଜାଣିଲା . ଏ ସବୁର ଆରମ୍ଭ ଓ ବିକାଶ କିପରି ହେଲା ? ପ୍ରଥମ ଚାଷୀ କିଏ ?

Digitized by srujanika@gmail.com

ଏହି ପ୍ରଶ୍ନଗୁଡିକ ବେଶ୍ ମଜାଦାର୍ । ଏଗୁଡିକର ଉତ୍ତର ଖୋଜିବା ପାଇଁ ଆମକୁ ଆଦିମ ଯୁଗକୁ ଫେରିଯିବାକୁ ପଡିବ । ଆଜିକୁ ପ୍ରାୟ ପଚାଶ ହଜାର ବର୍ଷ ତଳର କଥା । ସେତେବେଳେ ମଣିଷ ଥିଲା ଜଣେ ଶିକାରୀ । ଜଙ୍ଗଲରେ ଏଣେ ତେଣେ ବୁଲି ସେ ହରିଣ, ଠେକୁଆ, ଗାଈ, ଘୋଡା, ଛେଳି, ମେଣ୍ଢା ଆଦି ଶିକାର କରୁଥିଲା । ତା'ପାଇଁ ଅସ୍ତ୍ର ଥିଲା ପଥର, ହାଡ ବା କାଠର ମୁନିଆଁ ବାଡି । କେତେକ ପଶୁ ପଛରେ ଗୋଡାଇ ଗୋଡାଇ ସେ ତାକୁ ଧରି ନେଉଥିଲା ।

ଆଉ କେତେକ ପଶୁଙ୍କୁ ଗୋଡାଇବା ପରେ ବା ଛକି ରହି ଅସ୍ତ୍ରକୁ ସେ ତା' ଉପରକୁ ଫିଙ୍ଗି ଶିକାର କରୁଥିଲା । ଏହା ତା' ପାଇଁ ଯେତିକି ଉନ୍ମାଦନା ଆଣୁଥିଲା, ସେତିକି ଆମୋଦ ବି ଦେଉଥିଲା । ବୀର ଭଳି ପଶୁ ସାଙ୍ଗରେ ତା'ର ପ୍ରତିଦ୍ୱନ୍ଦିତାରେ ସେ ବିଜୟୀ ହେଉଥିଲା । ତେଣୁ ସଫଳତାରେ ଉଲ୍ଲସି ଉଠି ସେ ଭୋଜି ମଉଜ ଆଦି କରୁଥିଲା । ଜଙ୍ଗଲୀ ପରିବାରଗୁଡିକରେ ପୁରୁଷମାନେ ଅସ୍ତ୍ର ଶସ୍ତ୍ର ନେଇ

Digitized by srujanika@gmail.com

କୁକୁରଙ୍କ ସହ ବଣକୁ ବାହାରି ଯାଉଥିଲେ । ମହିଳାମାନେ ପାଛିଆ, ହାଣ୍ଡି ଆଦି ଧରି ଏଣେତେଣେ ବୁଲି ଫଳ, ମୂଳ, କୋଳି, ଛତୁ, ଆଦି ସଂଗ୍ରହ କରୁଥିଲେ । କ୍ରମେ ସେମାନେ ମହୁ ଆଦିର ସନ୍ଧାନ ବି ପାଇଥିବେ । ଶୁଖିଲା ମଞ୍ଜି ଆଦିକୁ ସେମାନେ ଆଗ ପାଇଁ ସାଇତି ରଖୁଥିଲେ ।

ସେହି ସାଇତା ମଞ୍ଜିରୁ କିଛି ମଞ୍ଜି ମାଟିରେ ପଡି ଗଜାଉଥିଲା ।ଏହାକୁ ଦେଖି ସେମାନେ ମଞ୍ଜି ଗଜେଇବା କଥା ଜାଣି ପାରିଥିଲେ । ଏହା ବଢ଼ି ପୁଣି ଫଳ ଦେବା କଥା ବୁଝିଥିଲେ । ଏବେ ବି ଅନେକ ଆଦିବାସୀ ଜାତିରେ କାହାଣୀ ଓ ଲୋକ କଥା ଶୁଣିବାକୁ ମିଳୁଛି । ବିହନକୁ ମାଟି ତଳେ କବର ଦିଆଗଲା (ପୋତାଗଲା) ।

ପରେ ଏହା ପୁଣି ଜନ୍ମ ନେଇ ମାଟି ଉପରକୁ ବାହାରିଲା । ସେ ପୁଣି ବିହନ ତିଆରି କଲା । ପ୍ରଥମ ଅବସ୍ଥାରେ ସେମାନେ ଏହାର ଉପଯୋଗିତାକୁ ବିଶେଷ ବୁଝି ପାରି ନ ଥିଲେ; କିନ୍ତୁ କ୍ରମଶଃ ମଣିଷ ଏଥିପାଇଁ ବାଧ ହେଲା । ଧୀରେ ଧୀରେ ସେମାନଙ୍କ ସଂଖ୍ୟା ବଢିଲା । ଖାଦ୍ୟର ଆବଶ୍ୟକତା ବି ବଢିଲା । ଶିକାରରେ ସଙ୍କଟ ଦେଖାଦେଲା । ଅଧିକା ଖାଦ୍ୟ ପାଇବା ପାଇଁ

Digitized by srujanika@gmail.com

ସେ ନାନା ଉପାୟ ଓ କୌଶଳ ଚିନ୍ତାକଲା । ଏହି ଚିନ୍ତା ଓ ଖୋଜା ତାକୁ ବିହନ ଆଡକୁ ଟାଣିଲା । ମଞ୍ଜିଦିଆ ଘାସ ଗଛଗୁଡିକୁ ସେ ଲକ୍ଷ୍ୟ କଲା । ଗାଈ, ଗୋରୁ, ଘୋଡା ଓ ଛେଳି ଆଦି ପଶୁ ଘାସ ଓ ଘାସ ମଞ୍ଜିକୁ ଖାଉଥିଲେ । ସେ ମଧ ଏହାକୁ ଖାଇଲା । ଏହା ତା'କୁ ଭଲ ଲାଗିଲା । ଅଭାବ, ଅସୁବିଧା ବେଳେ ସେ ଏହାକୁ ଖାଇ ଚଳି ଯାଇପାରିଲା । ତେଣୁ ଏ ଜାତିର ଗଛ ଲଗାଇ ସେମାନେ ତା' ମଞ୍ଜିକୁ ସାଇତି ରଖିବାକୁ ଲାଗି ପଡିଲେ । ମହିଳାମାନେ ମାଟିକୁ ଖୋଳି ମଞ୍ଜି ବୁଣିଲେ ଓ ଜଗିଲେ । ପୁରୁଷମାନେ ଜଙ୍ଗଲରେ ବୁଲି ଶିକାର କଲେ । ଏହି ଠାରୁ ଚାଷ କାମର ଆରମ୍ଭ ବୋଲି କୁହାଯାଏ । ଆଦିମ ମହିଳାମାନେ ହିଁ ଚାଷ କାମର ମା' ବୋଲି କୁହାଯାଏ ।

ଏହି ସମୟରେ ଆଉ ଏକ ଧାରଣା ମିଳିଲା । ଶିକାର କରିବା ବେଳେ ମଣିଷକୁ ସବୁଦିନ ଶିକାର ମିଳୁ ନ ଥିଲା । ତା'ର ଏହି ଅଭାବ ଭରଣା କରିବା

Digitized by srujanika@gmail.com

ପାଇଁ ସେ ଜଙ୍ଗଲରୁ ଛେଳିଛୁଆ, ବାଛୁରୀ, ଗାଇ ଆଦିଙ୍କୁ ଧରି ଆଣୁଥିଲା । ନିଜ ଘର ପାଖରେ ବାନ୍ଧି ପାଳୁଥିଲା । ଅଭାବ ଦିନ ଗୁଡିକରେ ସେ ଏମାନଙ୍କୁ ମାରି ଖାଇଯାଉଥିଲା । ଏଥିରୁ ହିଁ ମଣିଷ ଘରେ ପଶୁ ପାଳିବା ଆରମ୍ଭ କରିଥିଲା । ମାଂସ ଛଡା ଗାଇଙ୍କ ଠାରୁ ସେ କ୍ଷୀର, ମେଣ୍ଢା ଠାରୁ ଲୋମ ପାଉଥିଲା । ଘୋଡା ଦ୍ୱାରା ସେ ବୁହାବୁହି କାମ କରି ପାରୁଥିଲା । କିନ୍ତୁ ଶିକାରୀ ଅବସ୍ଥାରୁ ପଶୁପାଳକ ହେବାକୁ କେତେ ଶହ ବର୍ଷ ଲାଗି ଯାଇଥିଲା ।

ଚାଷ କାମ ଆରମ୍ଭ ହେବାରୁ ସେ ଦେଖିଲା ଏହାର ଗୁରୁତ୍ୱ ବେଶୀ । ଉତ୍ପାଦନ ଯଥେଷ୍ଟ ନ ହେଲେ ପଶୁଙ୍କୁ ପାଳିବା ସମ୍ଭବପର ନୁହେଁ । ତେଣୁ ସେ ବାଛି ବାଛି ଭଲ ବିହନ ବୁଣିଥିବ । କିନ୍ତୁ ଏଥିପାଇଁ ଜଙ୍ଗଲରେ ଯଥେଷ୍ଟ ସମତଳ ଭୂଇଁ ନ ଥିବ । ତେଣୁ ସେ ନଈ କୂଳିଆ ଭୂମିକୁ ହିଁ ପସନ୍ଦ କରିଥିବ । ମହିଳାମାନେ ମାଟିକୁ ଖୋଳିବା ପାଇଁ ସହଜ ବାଟ ବାହାର କରିଥିବେ ।

ସେମାନେ କାଠ, ହାଡ ବା ପଥରରେ ଛୋଟିଆ ଖୁରୁପା ଯନ୍ତ୍ରଟିଏ ବ୍ୟବହାର କରୁଥିଲେ । ଏହାର ନାଁ ' ହୋ ' ବୋଲି କୁହାଯାଏ । ମାଟି ହାଣି, ମଞ୍ଜି ବୁଣି ସେମାନେ ପାଣି ମଡାଉଥିଲେ ଓ ପଶୁମାନଙ୍କ ଆକ୍ରମଣରୁ ଜଗୁଥିଲେ । ପ୍ରଥମରେ ସେମାନେ ଗହମ, ବାର୍ଲି, ଆଦି ଗଛ ଲଗାଉଥିଲେ । ଏହା ଥିଲା ପ୍ରାୟ ଆଠ ହଜାର ବର୍ଷ ତଳର କଥା ।

କେବଳ ଶସ୍ୟ ଅମଳ କଲାବେଳକୁ ପୁରୁଷମାନେ ଏଥିରେ ସହଯୋଗ କରୁଥିଲେ । ଏହା ତାଙ୍କ ପାଇଁ ଅତି ଆନନ୍ଦର ସମୟ ହେଉଥିଲା । ଗୀତ ଗାଇ, ନାଚି, ମଉଜ କରି ସେମାନେ ଫସଲ କାଟୁଥିଲେ । ମିଶରର କେତେକ ପୁରୁଣା ଚିତ୍ରରେ ମହିଳାମାନେ ଦାଆ ଧରି ଫସଲ କାଟୁଥିବାର ଦେଖିବାକୁ ମିଳୁଛି । ଦାଆର ଧାରଟି କଟା କଟା ହୋଇଥାଏ - ଠିକ୍ ଛେଳି ଆଦି ରୋମନ୍ଥକ ପ୍ରାଣୀଙ୍କର ମାଢି ପରି । ସେମାନଙ୍କ ଦାନ୍ତ ଓ ମାଢିର ଗଠନକୁ ଦେଖି ମଣିଷ ଏପରିକା କଟା ଯନ୍ତ୍ରଟିଏ ବନାଇଥାଇ ପାରେ । କିନ୍ତୁ ଆଜିକାଲିକା ପରି ଲୁହା ଦାଆ ସେ ବେଶ୍ ଡେରିରେ ବନାଇଥିଲା । ଆରମ୍ଭରେ ସେ ପଥର, ହାଡ ଆଦିକୁ ଧାରୁଆ କରି ଶସ୍ୟ କାଟିବା କାମ ଚଳାଉଥିଲା ।

Digitized by srujanika@gmail.com

ପ୍ରଥମେ ସେମାନେ ' ହୋ ' ସାହାଯ୍ୟରେ ଏକା ଏକା ଜମି ଖୋଳୁଥିଲେ । ନିଜର ପରିବାର ସଂଖ୍ୟା ବଢିବା ସାଙ୍ଗକୁ ଘର ପୋଷା ଜୀବଙ୍କ ସଂଖ୍ୟା ମଧ୍ୟ ଅଧିକ ଅନୁପାତରେ ବଢୁଥିଲା । ଅଧିକା ଶସ୍ୟ ପାଇବା ପାଇଁ ସେମାନେ ନୂଆ ଯୋଜନା କଳ୍ପନା କରୁଥିଲେ । ଜଣେ ଜଣେ ମାଟି ହାଣିବା ଅପେକ୍ଷା ଦଳରେ କରିବାକୁ କମ୍ ସମୟ ଲାଗୁଥିଲା । ପାଖାପାଖି ସାଥି ମହିଳାମାନେ ଏକାଠି କାମରେ ଲାଗୁଥିଲେ । ଏଥିରୁ ହୁଏତ ନୂଆ କୌଶଳଟିଏ ବାହାରିଲା ।

ଗୋଟିଏ କାଠ ଗଣ୍ଡିର ଗୋଟିଏ ମୁଣ୍ଡକୁ ମୁନିଆ କରି ସେମାନେ ମାଟିରେ ମାଡି ରଖିଲେ । ଆର ପଟଟିକୁ ମିଳିମିଶି ଭିଡିଲେ । ଫଳରେ କମ୍ ପରିଶ୍ରମରେ ଓ କମ୍ ସମୟରେ ବେଶୀ ମାଟି ଖୋଳିହୋଇଗଲା । ମଣିଷ ଆବିଷ୍କାର କଲା ଯେ, ଘୋଡା, ମଇଁଷି, ଗୋରୁ ଆଦି ହୃଷ୍ଟପୁଷ୍ଟ ପଶୁ ବି ଗଣ୍ଡିକୁ ଭିଡିପାରିବେ । ତାକୁ ଆଉ ଖଟିବାକୁ ପଡିବ ନାହିଁ । ପଶୁମାନଙ୍କ ବେକ ସହ କାଠ ଗଣ୍ଡିକୁ ସେ ବାନ୍ଧିଲା । ଆରମୁଣ୍ଡଟିକୁ ସଜାଡି ଧରି ପଶୁଙ୍କୁ ନିଜ ଇଚ୍ଛା ଅନୁସାରେ ଅଡେଇଲା । ଚାଷ କାମ ଆହୁରି ସହଜ ହୋଇଗଲା ।

Digitized by srujanika@gmail.com



ସ୍ତ୍ରୀ ଲୋକମାନେ ଜଙ୍ଗଲକୁ ଯିବାକୁ ପଡିଲା ନାହିଁ । ଶିକାରୀମାନେ ବି ଆଗଭଳି ସାରା ଦିନ କେବଳ ଶିକାର ଖୋଜାରେ ବିତାଇ ଦେଲେ ନାହିଁ । ଅଧିକ ଶସ୍ୟ ପାଇବା ପାଇଁ ସେମାନେ ବି ଏଥିରେ ଲାଗିଲେ । ପୁରୁଷଭିତ୍ତିକ ଶିକାର ପରମ୍ପରା ସହ ମହିଳାଭିତ୍ତିକ ଚାଷ କାମ ବେଶ୍ ଗୁରୁତ୍ୱପୂର୍ଣ ହୋଇ ପଡିଲା । ଚାଷ କାମ ବାଦ୍ ମହିଳାମାନେ ପାଛିଆ ବୁଣିବା, ଘର ଓ ପିଲା ଛୁଆଙ୍କ ଯତ୍ନ ନେବା, ଆଦି କାମରେ ବ୍ୟସ୍ତ ରହିଲେ । କ୍ରମଶଃ ଶସ୍ୟ, ପାଣି, ଖାଦ୍ୟ, ଆଦି ରୋଷେଇ କରିବା, ସାଇତିବା, ଆଦି ପାଇଁ ମଣିଷ ମାଟି ପଥରରେ ବିଭିନ୍ନ ପାତ୍ର ବନେଇଲା ।

ଏହା ମଣିଷ ଜୀବନରେ ଏକ ବଡ ବଦଳ ଆଣିଲା । ସେ ଏବେ ଯଥେଷ୍ଟ ସ୍ଥିର ଓ ସ୍ୱାଧୀନ ହୋଇ ପାରିଲା । ପ୍ରକୃତି ଉପରେ ସେ ଆଗ ପରି ପୂରାପୂରି ନିର୍ଭର କଲା ନାହିଁ । ମଣିଷ ଓ ପ୍ରକୃତି ମଧ୍ୟରେ ଏକ ନୂଆ ସମ୍ପର୍କ ଗଢି ଉଠିଲା । ଆଗ ପରି ସେ ପଶୁ (ମାଂସ) ଓ ଗଛ (ଫଳ, ମୂଳ) ଉପରେ ପରଜୀବୀ ହୋଇ ରହିଲା ନାହିଁ । ଜଙ୍ଗଲର ଏକ ବିରାଟ ଅଂଶରେ ଅନେକ ସମୟ ଖୋଜି ଖୋଜି ସେ ଯେତିକି ଖାଦ୍ୟ ପାଉଥିଲା, ତା'ଠୁ ଯଥେଷ୍ଟ କମ୍ ସମୟରେ ସେ ବେଶୀ ଫସଲ ପାଇଲା । ଆଜିକାଲି ଆମେ ଆଦିବାସୀଙ୍କ ଦେଖୁଛେ । ସେମାନେ ଜଙ୍ଗଲରେ ଖଣ୍ଡେ ଭୂଇଁ ସମତଳ କରି ଏଠାରେ ମଞ୍ଜି ବୁଣନ୍ତି । ଆଦିମ ମଣିଷ ମଧ୍ୟ ଏପରି ରୀତିରେ ନଇକୂଳିଆ ଜାଗାକୁ ସମତଳ କରି ସେଠାରେ ବସତି ଗଢିଥିବ । ଆଗରୁ ଶିକାର

Digitized by srujanika@gmail.com

ତାପାଇଁ ଏକ ଲଗାତାର ପ୍ରକ୍ରିୟା ଥିଲା । ତାକୁ ବାରମ୍ବାର ଶିକାର କରିବାକୁ ପଡୁଥିଲା । ଖାଦ୍ୟ କମ୍ ସମୟରେ ପଚି ସଢି ଯାଉଥିଲା । କିନ୍ତୁ ଚାଷ କାମ ଯଥେଷ୍ଟ ସୁରକ୍ଷିତ ଥିଲା । ଶସ୍ୟକୁ ସେ ମାସ ମାସ ଧରି ସାଇତି ରଖି ପାରୁଥିଲା ।



କିନ୍ତୁ ଚାଷର ଆନନ୍ଦ ସାଙ୍ଗକୁ ତା'ର କେତେକ ଦୁଃଖ ମଧ୍ୟ ରହିଥିଲା । ବେଶୀ ଖରା ହେଲେ ତା'ଚାରା ସବୁ ସୁଖି ମରି ଯାଉଥିଲା । ଅଧିକା ବର୍ଷା ହେଲେ ବି ତା'ଚାରା ଗୁଡିକ ପଚିସଢି ଯାଉଥିଲା । ତେଣୁ ସେ ଏହାକୁ ଡରି ଯାଉଥିଲା । ଶିକାରୀ ଥିଲାବେଳେ ମାଂସ ପାଇବା ପାଇଁ ସେ ଅରଣା ମଇଁଷି, ଭାଲୁ ଆଦିକୁ ପ୍ରାର୍ଥନା କରୁଥିଲା । ଚାଷ କାମ ଭଲ ହେବା ଆଶାରେ ସେ ଧରଣୀ ମା', ସୂର୍ଯ୍ୟ (ଅରୁଣ), ବର୍ଷା (ବରୁଣ), ଆଦିକୁ ପୂଜା କରିବାକୁ ଆରମ୍ଭ କଲା ।

ମଣିଷର ଅବୁଝା ମନରେ ନୂଆ ନୂଆ ଦେବତାମାନେ ରୂପ ପାଇଲେ ସେମାନଙ୍କ ଦେହ ବା ମୁଣ୍ଡ ପଶୁଙ୍କ ପରି ଥିଲା । ଆକାଶ ଦେବତା ଘଡଘଡି, ବିଜୁଳି, ବର୍ଷା, ଖରା, ପବନ ଆଦି କରୁଥିବାରୁ ଅଧିକ ପୂଜା ପାଉଥିଲେ । ଭଲ ଅମଳ ପାଇଁ ଓ ସୁଖରେ ବଞ୍ଚିବା ପାଇଁ ସେମାନେ ପ୍ରକୃତିକୁ ପ୍ରାର୍ଥନା କରୁଥିଲେ । ଏହା ହିଁ କ୍ରମେ ବିଭିନ୍ନ ଧର୍ମ ଓ ଧାର୍ମିକ ଧାରଣା ସୃଷ୍ଟି କଲା ।

Digitized by srujanika@gmail.com

ଚାଷ କାମ ବଢିବା ସାଙ୍ଗକୁ ନଈ କୂଳରେ ଲୋକ ବସତି ବି ଯଥେଷ୍ଟ ବଢିଚାଲିଲା । ଚାଷ କାମ ମାଧ୍ୟମରେ ସେ ପ୍ରକୃତିକୁ ଅଧିକା ନିବିଡ ଭାବେ ବୁଝି ପାରିଲା । ବିଭିନ୍ନ ଋତୁ ଓ ପାଣି ପାଗର ସେ ହିସାବ ରଖି ପାରିଲା ଓ ଚାଷ କାମକୁ ସେ ଅନୁସାରେ ସଜାଡିଲା । ଚାଷ ସହିତ ବୁଣାବୁଣି (ପାଛିଆ, ଟୋକେଇ ଆଦି), ରୁଆ, ଅମଳ, ବେଙ୍ଗଲା, ସାଇତା, ପେଷାପେଷି, ରନ୍ଧା, ସିଝା - ଆଦି ବିଭିନ୍ନ ପ୍ରକାରର କୌଶଳ ବାହାରିଲା । ଛଣ, ପଂଶମ ଆଦି ବୁଣାବୁଣି, ମାଟି, ପଥରରେ ପାତ୍ର ଓ ଘର ତିଆରି, ଆଦି ସ୍ଥାୟୀ ପେଷା ବଢିଲା । ପ୍ରାଚୀନ ପଥର ଯୁଗରେ ବି ଲୋକମାନେ କାଁ ଭାଁ ଘର ତୋଳୁଥିଲେ । କିନ୍ତୁ ଚାଷ କାମ ବେଳେ ଏହା ସାର୍ବଜନୀନ ହୋଇ ପାରିଲା । ସମସ୍ତେ ଘର ବନାଇଲେ ।

ଶିକାର ବେଳେ ଖାଦ୍ୟ ସବୁ ସାଙ୍ଗେ ସଙ୍ଗେ ସରି ଯାଉଥିଲା । କେବଳ ରୋଷେଇ ପାତ୍ର, ତିଆର ଓ ପୋଷାକ ହିଁ ସାଇତା ହୋଇ ରହୁଥିଲା । କିନ୍ତୁ ଚାଷ କାମରେ ଅସଲ ସାଇତା ଆରମ୍ଭ ହେଲା । ଜମି, ଗାଈ, ଗୋରୁ, ଘୋଡା, ହୋ, ଘର ସାନତା ଘର ଆଦି ସମାଜ(ପୂରା ଗୋଷ୍ଠୀଟି)ର ହୋଇ ରହିଲା । ସମସ୍ତେ ମିଳିମିଶି ଏସବୁର ଦେଖାଚାହାଁ କଲେ । ଏହାର ସୁରକ୍ଷା ଓ ବିତରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଡିଲା ।

Digitized by srujanika@gmail.com

ଆଗରୁ ଶିକାର ଆଦ ଜିନିଷକୁ ଲୋକ ବା ଦଳଗୁଡିକ ମଧ୍ୟରେ ସମାନ ଭାବେ ବାଣ୍ଟି ଦିଆଯାଉଥିଲା । କିନ୍ତୁ ଚାଷ କାମ ସମୟରେ ଜିନିଷଗୁଡିକର ବିନିମୟ ଚାଲିଲା । ଜଣେ ଆଉ ଜଣଙ୍କ ସହ ଜିନିଷ ବଦଳାଇଲା । ବ୍ୟକ୍ତିଗତ ଭାବେ ସମ୍ପତ୍ତି ଠୁଳ କରିବା ଆରମ୍ଭ ହେଲା । ଧନ ସମ୍ପତ୍ତିରେ ଅସମାନତା ବଢିଗଲା । କ୍ରମଶଃ ବସତିଗୁଡିକ ବଢି ନଗର ଅବସ୍ଥାରେ ପହଞ୍ଚିଲା: ବେଳକୁ ସାମାଜିକ ବର୍ଗୀକରଣ ବି ଆରମ୍ଭ ହୋଇଗଲା ।

କାମ କରିବାର ଢାଞ୍ଚା ଅନେକ ପରିମାଣରେ ବଦଳି ଗଲା । ଶିକାର ବେଳେ ଜୀବନ ଠାରୁ କାମ ବିଶେଷ କିଛି ଅଲଗା ନ ଥିଲା । କାମ ସହିତ ଫଳାଫଳ ସିଧା ଯୋଡା ଥିଲା । ଶିକାର ପରେ ସାଙ୍ଗେ ସାଙ୍ଗେ ବଣ୍ଟା ବଣ୍ଟି ସରିଯାଉଥିଲା । କିନ୍ତୁ ଚାଷ କାମ ପାଇଁ ବେଶ୍ ଲମ୍ବା ସମୟ ଲାଗିଲା । ମଞ୍ଜି ସଂଗ୍ରହ କରି ବୁଣିବା ଠାରୁ ଶସ୍ୟ ଅମଳ କରିବା ଭିତରେ ସମୟରେ ବେଶ୍ ଫରକ ରହୁଥିଲା । କାମ ଓ ଫଳ ମଧ୍ୟରେ ଲମ୍ବା ବ୍ୟବଧାନ ରହିଲା ।

ଶିକାର ବେଳର ଉଦ୍ଦୀପନା, ବୀରତ୍ୱ ଓ ଉନ୍ମାଦନା ଏଥିରେ ନ ଥିଲା । ବରଂ ଲମ୍ବା ସମୟ ଧରି କଠିନ ଖଟଣି ପଡୁଥିଲା । ଏଥିରୁ ଅଧିକା ଖାଦ୍ୟ ମିଳିଲା । କିନ୍ତୁ ଏଥିରୁ ଆକର୍ଷଣୀୟ ଶିକାର ମିଳିଲା ନାହିଁ କିମ୍ବା ଆଗ ପରି ଆନନ୍ଦ ଉଲ୍ଲାସ ଭରା ଭୋଜି ହୋଇ ପାରିଲାନି । ତେଣୁ କିମ୍ବଦନ୍ତୀଗୁଡିକରେ ଶିକାରରୁ କୃଷିକୁ ବଦଳିବାକୁ " ମଣିଷର ପତନ " ବୋଲି କୁହାଯାଇଛି । ଖୁସିରେ ଶିକାର କରିବା ବଦଳରେ ତାକୁ କଠିନ ପରିଶ୍ରମ କରି ରୁଟି କମାଇବାକୁ ପଡିଲା ।

କିନ୍ତୁ ଚାଷ କାମ ଛଡା ସେ ସମୟରେ ତା' ହାତରେ ବଞ୍ଚିବା ପାଇଁ ଅନ୍ୟ କୌଣସି ଉପାୟ ନ ଥିଲା । ତେଣୁ ଚାଷ କାମର ଫଳ (ଅମଳ) ମିଳିଲା ବେଳକୁ ସେମାନେ ଯଥେଷ୍ଟ ଖୁସି ହେଉଥିଲେ । ମଞ୍ଜି ପୋତି ଶସ୍ୟ ପାଇବାକୁ ସେମାନେ ଭାବୁଥିଲେ - ସେମାନେ ମଞ୍ଜି ରୂପରେ ଅଦ୍ଭୁତ ଦେବତାମାନଙ୍କୁ ମାଟିରେ ପୋତି ପକାଉଛନ୍ତି । ସେମାନଙ୍କର ଯତନ କଲେ ସେମାନେ ପୁଣି ତାଙ୍କ ପାଖକୁ ଫେରି ଆସିବେ । ତାଙ୍କ ଖେତରେ ସୁନାର ଫସଲ ହୋଇ ସେମାନେ ହସିବେ । ହେମନ୍ତ କାଳରେ ସତକୁ ସତ ପାଚିଲା ଶସ୍ୟ କେଣ୍ଡାଗୁଡିକ ଖେତରେ ଝଲସୁଥିଲା ।

Digitized by srujanika@gmail.com

ସେମାନେ ଭାବୁଥିଲେ, ଦେବତା ମାଟିରୁ ତାଙ୍କ ପାଖକୁ ଖୁସିରେ ଫେରି ଆସିଛି । ତାଙ୍କର ଆନନ୍ଦ ଆଉ ବାଡ ବତା ମାନୁ ନ ଥିଲା । ଶସ୍ୟକୁ ଦାଧାରେ କାଟିଲା ବେଳେ ସେମାନେ ମନ ଖୁସିରେ ଗାଉଥିଲେ ଓ ନାଚୁଥିଲେ । ଖଳାରେ ଶସ୍ୟକୁ ଗଦାଇ ଦେଇ ସେମାନେ ନାଚି ଗାଉଥିଲେ । ଜମି ମା'କୁ ସେମାନେ ପ୍ରାର୍ଥନା କରୁଥିଲେ, ଯେପରି ସେ ସବୁବେଳେ ତାଙ୍କ ପ୍ରତି ଏପରି ଦୟା କରୁଥିବ ।

ଏହି ଧାରାରେ ଧୀରେ ଧୀରେ କାମ ଓ ଫଳାଫଳ ମଧରେ ଏକ ପରୋକ୍ଷ ସମ୍ପର୍କ ଗଢିଉଠିଲା । ପଶୁ ଓ ଗଛ ଲତାଙ୍କର ଜୀବନ ଧାରା ଓ ପ୍ରକୃତିକୁ ମଣିଷ ବୁଝିବାକୁ ଚେଷ୍ଟା କଲା । ଏମାନେ କିପରି ବଢନ୍ତି ? ନିଜର ସଂଖ୍ୟା କିପରି ବଢାନ୍ତି ? ଏମାନଙ୍କୁ କେଉଁ କାମରେ ଲଗାଯାଇ ପାରିବ ? ଚାଷ ସହିତ ହିସାବ, ଗଣିତ, କୌଶଳ ମଧ ଆଗେଇଲା । ବୁଣାବୁଣି, ଶସ୍ୟର ପରିମାଣ ହିସାବ ଆଦିରୁ ପାଟୀଗଣିତ, ଜ୍ୟାମିତି ଆଦି ହିସାବ ରୂପ ନେଲା । ବିଭିନ୍ନ ଆକୃତି କିପରି ବନାଯିବ, କେତୋଟି ସୂତାକୁ କିପରି ଛନ୍ଦାଯିବ, - ଏଥିରେ ଜିନିଷ ଓ ସଂଖ୍ୟା ମଧରେ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ଥିଲା - ଜ୍ୟାମିତିକ ହିସାବ ଥିଲା ।

Digitized by srujanika@gmail.com

ବୁଣିବା କାମ ଆଗେଇବା ଦ୍ୱାରା ଅନେକ ଡେରିରେ ସିଲେଇ ଯନ୍ତ୍ର ବି ବନାଯାଇ ପାରିଲା । (ଅନେକ ଦିନ ପରେ ମଣିଷ ଚକର ବ୍ୟବହାର ଜାଣିଲା । ଏହା ତା କାମଦାମରେ ଏକ ବିପ୍ଳବ ଆଣି ଦେଲା । ଯନ୍ତ୍ର, ଶିଳ୍ପ, କଳ କାରଖାନା ଓ ପରିବହନ କାମରେ ଏକ ନୂଆ ଯୁଗ ଆରମ୍ଭ ହୋଇ ପାରିଲ ।) ହାଣ୍ଡି ବା ଅନ୍ୟ ପାତ୍ର ବନାଇବା ପାଇଁ ସେ ନିଆଁ ବ୍ୟବହାର କଲା । କିନ୍ତୁ ଆଲୁଅ କରିବା, ଉଷୁମ କରିବା ବା ରାନ୍ଧିବା ଅପେକ୍ଷା ଏଥିରେ ଯଥେଷ୍ଟ ଅଧିକ ନିୟନ୍ତ୍ରଣ ଲୋଡା ହେଲା ।

ଏହି ନିୟନ୍ତ୍ରଣ ବ୍ୟବହାର ଶଖିବା ଦ୍ୱାରା ପରେ ସେ ପଥରରୁ ଧାତୁ ପାଇବା, ଅସ୍ତ୍ର ବନାଇବା ଆଦି କାମ ବି କରି ପାରିଲା । ରନ୍ଧା, ତରଳା ଆଦି କାମରୁ ରସାୟନ ବିଜ୍ଞାନ ଆଗେଇଲା । ଏପରି ଭାବରେ ଚାଷ କାମ ସହ ଜୀବ, ରସାୟନ, ମାଟି, ପାଣି, ପ୍ରକୃତି, ପବନ ଆଦି ବିଷୟରେ ବିଜ୍ଞାନ ମଧ ଅଧିକ ଉନ୍ନତ ହେବାରେ ଲାଗିଲା ।

କ୍ରମଶଃ ଲୋକସଂଖ୍ୟା ବଢିଲା । ଏଥି ସହ ଶସ୍ୟର ଚାହିଦା, ବେପାର ଓ ଶିଳ୍ପ ବଢିଲା । କମ ପରିଶ୍ରମରେ ବେଶୀ ଉତ୍ପାଦନ ଦରକାର ହେଲା । ଖଟିଖିଆ ଚାଷୀ ବଦଳରେ ବଡ଼ ଚାଷୀ ଓ ଜମିଦାରଙ୍କ କ୍ଷମତା ବଢିଲା । ଚାଷ ବାସରେ ଏକ ବିପ୍ଳବ ଦେଖାଦେଲା । ଉନ୍ନତ କିସମର ବିହନର ଚାହିଦା, ତୁହାକୁ ତୁହା କମ୍ ପରିଶ୍ରମରେ ଅଧିକ ଚାଷ କାମ ହୋଇ ପାରିଲା । ବେପାର ବଣିଜ ପାଇଁ ଲୋକେ ସହର ଆଡକୁ ମୁହାଁଇଲେ ।

ଆଜିର ସମାଜରେ ଚାଷର ଅବସ୍ଥା ଅଲଗା । ଆଜି ଏହା ଆଗ ପରି କେବଳ ବଡ଼ ବଡ଼ ନଈ କୂଳରେ ସୀମିତ ନୁହେଁ । ଏବେ ଗାଁ ଗାଁରେ ଚାଷ କାମ ହୋଇ ପାରୁଛି । ନଈ, ନାଳ, ପୋଖରୀ, କୂଅ ଛଡା ଆହୁରି ନୂଆ ଉପାୟରେ ପାଣି ମିଳି ପାରୁଛି । ନଦୀ ବନ୍ଧରେ ପାଣିକୁ ସାଇତି ରଖାଯାଉଛି । ଏଠାରୁ କେନାଲ ସାହାଯ୍ୟରେ ବିଭିନ୍ନ ଜାଗାକୁ ପାଣି ନିଆଯାଉଛି । ନଳକୂପ ଦ୍ୱାରା ଭୂତଳ ପାଣିକୁ ବି କାମରେ ଲଗାଯାଉଛି । ଲୋକ ସଂଖ୍ୟା ବଢିବା ସାଙ୍ଗକୁ ବିଜ୍ଞାନ ବଳରେ ନୂଆ ନୂଆ କଳ କଉଶଳ ବି ବାହାର କରା ଯାଉଛି । ବିଭିନ୍ନ ରକମର ଆଧୁନିକ ସଙ୍କର ବିହନ, ସାର, କୀଟନାଶକ, ଯନ୍ତ୍ରପାତି ଦ୍ୱାରା କମ୍ ପରିଶ୍ରମରେ ଯଥେଷ୍ଟ ବେଶୀ ଚାଷ କରା ଯାଇ ପାରୁଛି । ଚାଷ କାମରେ ଆଜି ଏକ ବିପ୍ଳବ ଆସି ପାରିଛି । ମଣିଷ ଆଗ

Digitized by srujanika@gmail.com

ଅପେକ୍ଷା ଯଥେଷ୍ଟ ସୁରକ୍ଷିତ ଭାବରେ ବିଶ୍ୱାସର ସହ ଅଧିକ ଅମଳ କରି ପାରୁଛି । ଚାଷ ଶସ୍ୟକୁ ନେଇ ବିବିଧ ରକମର ଖାଦ୍ୟ ବନେଇବାରେ ମଧ ଏକ ବିପ୍ଳବ ଆସି ପାରିଛି ।

ଏଥି ସହିତ ଗୋଟିଏ ଚିନ୍ତା ମଧ ବଢ଼ିଛି । ମଣିଷ ଯେତେବେଳେ ଜଙ୍ଗଲରେ ଖାଦ୍ୟ ପାଇଁ ସଂଘର୍ଷ କରୁଥିଲା, ସେତେବେଳେ ସେ ସୁରକ୍ଷା ଓ ସୁବିଧା ପାଇଁ ସାଙ୍ଗ ଖୋଜୁଥିଲା । ଦଳରେ ରହି ଖୁସିରେ ଚଳିବାର ବାଟ ଖୋଜୁଥିଲା । କ୍ରମଶଃ ସେ ଚାଷ ମାଧମରେ ପରସ୍ପରର ଅଧିକ ନିକଟତର ହୋଇ ପାରିଲା । ନିଜେ ଅଧିକ ସୁରକ୍ଷା ପାଇ ପାରିଲା । କିନ୍ତୁ ଏଥି ସହିତ ଆରମ୍ଭ ହେଲା, ମଣିଷ ମଣିଷ ମଧରେ ଫାଟ । ଅଧିକ ଚାଷ ସମ୍ପତ୍ତି ପାଇବା ପାଇଁ ପରସ୍ପର ମଧରେ ଲଢ଼େଇ ହେଲା । ଯିଏ ଅଧିକ ବଳୁଆ ଓ ଧନୀ ଥିଲେ, ସେ ଦୁର୍ବଳ ଓ ଗରିବମାନଙ୍କୁ ଯୁଦ୍ଧରେ ବନ୍ଦୀ କଲେ । ବେଳେବେଳେ ସେମାନେ ଏମାନଙ୍କୁ ଦାସ (ଚାକର) କରି ରଖୁଥିଲେ ।

Digitized by srujanika@gmail.com

ନିଜେ କୌଣସି କାମଦାମ ନ କରି ସେମାନେ ଜୀବନରେ ବିଳାସ ସାଙ୍ଗକୁ ବିଭିନ୍ନ କଳାତ୍ମକ କାମ କଲେ ।

କିନ୍ତୁ ଦାସମାନଙ୍କୁ ପଶୁଭଳି ତାଙ୍କ ବିଲ ବାଡିରେ ଖଟାଇଲେ; ତାଙ୍କ ସେବା କାମରେ ଲଗାଇଲେ । ତାଙ୍କୁ ଆବଶ୍ୟକ ଅନୁପାତରେ ଖାଦ୍ୟପେୟ ଦେଲେ ନାହିଁ । ଫଳରେ ସମାଜ ମଧ୍ୟରେ ସାଙ୍ଗ ସାଥି ବଦଳରେ ଧନୀ ଓ ଗରିବ ନାମରେ ଦୁଇଟି ଶ୍ରେଣୀ ସୃଷ୍ଟି ହୋଇଗଲା । ଗୋଟିଏ ପଟେ ଅଳ୍ପ ସଂଖ୍ୟକ ଧନୀ ଓ ପୁଞ୍ଜିପତି ସବୁ ସୁଖ ସୁବିଧା ପାଇଲେ । ଆରପଟେ ଅଧିକାଂଶ ଲୋକ ଖାଦ୍ୟ, ପୋଷାକ, ଘର ଅଭାବରେ ଅସହାୟ ଭାବେ ସଡିଲେ ।

ଆଜିର ସମାଜରେ ଏହି ସମସ୍ୟାଟି ଉତ୍କଟ ହୋଇ ପଡିଛି । ପୃଥିବୀର ୭୦୦ କୋଟି ଲୋକଙ୍କ ପାଇଁ ଖାଦ୍ୟ ଯୋଗାଇବାକୁ ଆମେ ସକ୍ଷମ । କିନ୍ତୁ ଚାଷର ବ୍ୟବସାୟ କରଣ ଆଜି ଆମର ସାଥି ମନୋଭାବକୁ ଦୋହଲାଇ ଦେଇଛି । ଓଲଟା କଳେ ବଳେ କୌଶଳେ ସମ୍ପତ୍ତି ଠୁଳ କରିବା ଏକ ଯୁଗରଚି ବନିଯାଇଛି । ଆଜି ବିଭିନ୍ନ ଧନୀ ରାଷ୍ଟ୍ର ଚାଷର ସବୁ ଦିଗ (ବିହନ, ସାର, କୀଟନାଶକ, ଯନ୍ତ୍ରପାତି, କୌଶଳ)କୁ କାବୁଡି ଧରିଛନ୍ତି ।

ସେମାନେ ପୃଥିବୀ ସାରା ସବୁ ଦେଶରେ ଚାଷ ବେପାର ଚଳାଇ ଚାଷ ଅର୍ଥନୀତିକୁ ପୂରାପୂରି ନିୟନ୍ତ୍ରଣ କରୁଛନ୍ତି । ଭାରତ ଭଳି ଏକ ଗାଁବହୁଳ ଦେଶରେ ଗାଁରେ ଗାଁରେ ଏକ ସ୍ୱାବଲମ୍ବୀ ଚାଷଧାରା ଚଳି ଆସୁଥିଲା । ଗାଁ ଲୋକ ଚାଷ ପାଇଁ ଗାଁ ବାହାରର କାହା ଉପରେ ନିର୍ଭର କରୁ ନ ଥିଲେ । ଘରେ ଘରେ ଚାଷଭିତ୍ତିକ ଜୀବନଧାରା ଚଳି ଆସୁଥିଲା । କିନ୍ତୁ ଆଜିର ଚାଷ ବ୍ୟବସ୍ଥା ବିପଦଗ୍ରସ୍ତ । ଖାଲି ଭାରତ ନୁହେଁ, ପୃଥିବୀର ସବୁ ଗରିବ ଦେଶ ଏହି ସଙ୍କଟରେ । ଏହି ଅବସ୍ଥା ନ ବଦଳିଲେ ସାଧାରଣ ଚାଷ ଓ ଚାଷ ଆଗେଇ ପାରିବ ନାହିଁ । ସମାଜରେ ସୁଖଶାନ୍ତି ରହିପାରିବ ନାହିଁ ।

Digitized by srujanika@gmail.com